## କୋଇଲା ଚୋରା ଚାଲାଣ ଅଭିଯୋଗରେ ୩ ଗିରଫ

ରାଜଗାଙ୍ଗପୁର,(ଡି.ଏନ.ଏ.): କୋଇଲା ଚୋରା ଚାଲାଣ ଅଭିଯୋଗରେ ସ୍ଥାନୀୟ ପୋଲିସ ରବିବାର ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଚୋରା ଚାଲାଣ କାର୍ଯ୍ୟରେ ବ୍ୟବହୃତ ହାଇୱା ପୋଲିସ ଜବତ କରିଛି । ପ୍ରକାଶ ଯେ, ହେମଗିର ଅଞ୍ଚଳରୁ ଏକ କୋଇଲା ବୋଝେଇ ହାଇୱା ରାଜଗାଙ୍ଗପୁର ଥାନା ଅଧୀନ ମାଣ୍ଡିଆକୁଦର ଅଞ୍ଚଳକୁ ଆସି ରହିଥିବା ରାଜଗାଙ୍ଗପୁର ପୋଲିସ ଦେଖିବାକୁ ପାଇଥିଲା । ସନ୍ଦେହରେ ପୋଲିସ ଏ ସମ୍ପର୍କିତ ବିଭିନ୍ନ କାଗଜପତ୍ର ଦେଖାଇବାକୁ କହିଥିଲେ । କିନ୍ତୁ ଗାଡି ଚାଳକ ତାହା ଦେଖାଇ ନ ପାରିବାରୁ ଏହି ଘଟଣାରେ ୩ ଜଣଙ୍କୁ ପୋଲିସ ଗିରଫ କରିଥିଲା ।

# ରବି ଧାନ କିଣା ନୀତିକୁ ବିରୋଧ

- ଜିଲା କୃଷକ ସଂଘର ଆନ୍ଦୋଳନ ଚେତାବନୀ
- ନାମ ପଞ୍ଜୀକରଣରୁ ବଞ୍ଚିତ ଚାଷୀ
- ଧାନ ବିକ୍ରିକୁ ନେଇ ଆଶଙ୍କାରେ ଚାଷୀ

**ଝାରସୁଗୁଡ଼ା ଅଫିସ,୨୩।୫**

ସରକାରଙ୍କ କୃଷିମାରଣ ନୀତି ଯୋଗୁ ଚାଷୀ ନିଜର ଉତ୍ପାଦିତ ଫସଲ ବିକ୍ରି କରିବାରେ ସମସ୍ୟାର ସମ୍ମୁଖୀନ ହେଉଛି । କେତେବେଳେ ନାମ ପଞ୍ଜୀକରଣ ତ ଆଉ କେତେବେଳେ ଟୋକନ୍ ପ୍ରଦାନରେ ସମସ୍ୟା ଦେଖାଦେଉଛି । ଫଳରେ ଚାଷୀ ଉତ୍ପାଦିତ ଫସଲ ବିକ୍ରି କରୁଥିଲେ ମଧ୍ୟ ଉଚିତ ମୂଲ୍ୟ ପାଇପାରୁ ନାହିଁ । ଝାରସୁଗୁଡ଼ା ଜିଲାରେ ଏଭଳି ସ୍ଥିତିକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି ଜିଲା କୃଷକ ସଙ୍ଗଠନ । ଏହି ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ କରିବାକୁ ସଂଘ କର୍ମକର୍ତ୍ତା ଚେତାବନୀ ଦେଇଛନ୍ତି ।

ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତି ପାଇଁ ଗତ ଖରିଫ ଋତୁ ଧାନ ବିକ୍ରିରୁ ଜିଲାର ବହୁଚାଷୀ ବଞ୍ଚିତ ରହିଥିବାବେଳେ ଏବେ ରବି ଧାନ ବିକ୍ରିରେ ଅନୁରୂପ ସମସ୍ୟା ଦେଖାଦେଇଛି । ଚଳିତବର୍ଷ ରବି ଋତୁରେ ଜିଲାରେ ୧୩୨୪ ଚାଷୀ ଧାନବିକ୍ରି ନେଇ ନାମ ପଞ୍ଜୀକରଣ ପାଇଁ ଆବେଦନ କରିଛନ୍ତି । ଏଥିରୁ ୯୩୯ ଚାଷୀଙ୍କ ନାମ ପଞ୍ଜୀକୃତ ହୋଇଛି । ବାକି ୩୮୫ ଚାଷୀ ଏଥିରୁ ବଞ୍ଚିତ ଅଛନ୍ତି । ପୁଣି ୯୩୯ ପଞ୍ଜୀକୃତ ଚାଷୀଙ୍କ ମଧ୍ୟରୁ ୧୯୧ଜଣଙ୍କ ଟୋକନ୍ ଯାଞ୍ଚ କରାଯାଇଛି । ଏଥିମଧ୍ୟରୁ ଲଇକେରା ସମିତିର ଜଣେ ମାତ୍ର ଚାଷୀ


ଧାନକିଣା ନୀତିକୁ ବିରୋଧ କରୁଥିବା ଜିଲା କୃଷକ ସଂଘ କର୍ମକର୍ତ୍ତା ।

୮୩ କୁଇଣ୍ଟାଲ ୩୦କି.ଗ୍ରା. ଧାନ ବିକ୍ରି କରିଛନ୍ତି । ଗତ ୧୮ତାରିଖରୁ ଜିଲାରେ ଧାନ କିଣା ଆରମ୍ଭ ହୋଇଛି । ବହୁଚାଷୀଙ୍କ ନାମ ପଞ୍ଜୀକରଣ ହୋଇ ନ ଥିବାବେଳେ ଅନେକ ଚାଷୀ ଟୋକନ୍ ପାଇନାହାନ୍ତି । ଏଭଳି ସ୍ଥିତିରେ ଚାଷୀ ଧାନବିକ୍ରିକୁ ନେଇ ଆଶା ଆଶଙ୍କାରେ ରହିଛି । ସରକାରଙ୍କ ନିୟମ ଅନୁଯାୟୀ ଝାରସୁଗୁଡ଼ା ଜିଲାରେ ମାଲ (ମିଡିୟମ ଲ୍ୟାଣ୍ଡ) ଓ ବେର୍ଣ୍ଣା (ଲୋ ଲ୍ୟାଣ୍ଡ) ଜମି ଧାନ ଚାଷ ଉଦ୍ଦିଷ୍ଟ ନୁହେଁ ବୋଲି କୁହାଯାଇଛି । ହେଲେ ଜିଲାର ଏଭଳି କିସମ ଜମିରେ ଚାଷୀମାନେ ଧାନ ଚାଷ କରୁଛନ୍ତି । ରବି ଋତୁରେ କେନାଲ, ଗଭୀର ନଳକୂପ ଓ ଉଠା ଜଳସେଚନ ପ୍ରକ୍ରିୟାରେ ହୋଇଥିବା ଧାନଚାଷକୁ ସରକାର ସ୍ୱୀକୃତି ଦେଇଛନ୍ତି । ଅନ୍ୟାନ୍ୟ ପ୍ରକ୍ରିୟାରେ ହୋଇଥିବା ଧାନଚାଷକୁ ସ୍ୱୀକୃତି ଦେଉନାହାନ୍ତି । ଫଳରେ ଏସବୁ ଚାଷୀ ଧାନବିକ୍ରିରୁ ବଞ୍ଚିତ ହେଉଛନ୍ତି । ଏଭଳି ସ୍ଥିତିରେ ଯେଉଁଚାଷୀଙ୍କ ନାମ ପଞ୍ଜୀକରଣରେ ତ୍ରୁଟି ରହିଯାଇଛି ଏହାର ଯାଞ୍ଚ ପାଇଁ ମେ' ୨୪ତାରିଖ ପର୍ଯ୍ୟନ୍ତ ସମୟସୀମା ବୃଦ୍ଧି କରାଯାଇଥିଲା । ହେଲେ ଏହା ଜିଲାରେ ହୋଇପାରିନାହିଁ । ଏଥିପାଇଁ ଜିଲା କୃଷକ ସଂଘ ଯୋଗାଣ ବିଭାଗର ଅବହେଳାକୁ ଦାୟୀ କରିଛି । ଏହାର ସମାଧାନ ନ ହେଲେ ଜିଲା କୃଷକ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି । ଏ ନେଇ ଜିଲା କୃଷକ ସଂଗଠନର ସୁରେନ୍ଦ୍ର ସାହୁ, ହେମସାଗର କୁମୁରା, ବିରଞ୍ଚି ସାହୁ, ଲକ୍ଷ୍ମଣ ସାହୁ, ଗୋପୀନାଥ ମାଝି, ବିଜୟ ଦାସ ପ୍ରମୁଖ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ଉମେଶ ଚନ୍ଦ୍ର ସ୍ୱାଇଁ କହିଛନ୍ତି, ଜିଲାରେ ଚଳିତବର୍ଷ ରବି ଋତୁରେ ୧୧,୭୭୬ କୁଇଣ୍ଟାଲ୍ ଧାନ କିଣାହେବା ପାଇଁ ଲକ୍ଷ୍ୟ ରହିଛି । ଏଥିମଧ୍ୟରେ ୯୩୯ ଚାଷୀଙ୍କ ନାମ ପଞ୍ଜୀକୃତ ହୋଇଛି । ବାକି ଚାଷୀଙ୍କ ଯେଉଁ ସମସ୍ୟା ରହିଛି ଏଥିପାଇଁ ଆର୍ଆଇମାନଙ୍କ ଦ୍ୱାରା ଜମିର କିସମ ଯାଞ୍ଚ କରାଯାଇଛି । ଏହା ସହିତ ଜିଲା କୃଷି ବିଭାଗ, ଉଠା ଜଳସେଚନ ବିଭାଗ ଓ ବ୍ୟାଙ୍କମାନଙ୍କ ନିକଟରୁ ରିପୋର୍ଟ ସଂଗ୍ରହ କରାଯାଇ ସରକାରଙ୍କ ନିକଟକୁ ପଠାଯାଇଛି । ସରକାରଙ୍କ ନିର୍ଦ୍ଦେଶ ଆସିଲେ ବାକି ଚାଷୀଙ୍କ ନାମ ପଞ୍ଜୀକୃତ ହେବ ।

## ଶଗଡ଼କୁ ଧକ୍କାଦେଇ ଓଲଟିଲା ଛେଳି ବୋଝେଇ ଭ୍ୟାନ୍

**ଦେବଗଡ,୨୩।୫(ଡି.ଏନ.ଏ)**

ଦେବଗଡ଼ ଜିଲା ବାରକୋଟ ଥାନା ଗୋଲାବନ୍ଧ ଛକ ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥରେ ଏକ ଛେଳି ବୋଝେଇ ପିକଅପ୍ ଭ୍ୟାନ୍ ଶଗଡକୁ ଧକ୍କାଦେଇ ରାସ୍ତା କଡକୁ ଓଲଟି ପଡିଛି । ଫଳରେ ଶଗଡଟି ଚୂରମାର ହୋଇଯିବା ସହ ବଳଦ ଗୁରୁତର ହୋଇଛନ୍ତି । ଗୋଲାବନ୍ଧ ଗ୍ରାମର ଚାଷୀ ହୃଦାନନ୍ଦ ସାହୁ ଚାଷୀ ଏକ ଶଗଡରେ ଖତ ବୋଝେଇ କରି ନିକଟସ୍ଥ ଝରବାହାଲ ଗ୍ରାମରେ ଥିବା ଚାଷଜମିକୁ ଯାଉଥିଲେ । ଏହି ସମୟରେ ବାରକୋଟ ପଟୁ ପାଲଲହଡା ଅଭିମୁଖେ ଯାଉଥିବା ଏକ ଛେଳି ବୋଝେଇ ପିକଅପ୍ ଭ୍ୟାନ୍ (ନଂ.ୟୁପି୩୦ଏଟି/୪୫୪୫) ଉକ୍ତ ଶଗଡକୁ ଧକ୍କା ଦେବା ସହ ଭାରସାମ୍ୟ ହରାଇ ରାସ୍ତା କଡକୁ ଓଲଟି ପଡିଥିଲା । ତେବେ ଶଗଡ ପଛେ ପଛେ ଯାଉଥିବା ହୃଦାନନ୍ଦ ଅଳ୍ପକେ ବର୍ତ୍ତି ଯାଇଥିଲେ । ଦୁର୍ଘଟଣା ପରେ ପିକଅପ୍ ଭ୍ୟାନ୍ ଚାଳକ ଫେରାର ଅଛନ୍ତି । ବାରକୋଟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ପିକଅପ୍ ଭ୍ୟାନ୍କୁ ଜବତ କରିବା ସହ ତଦନ୍ତ କରୁଛି ।

## ସଂକ୍ଷେପରେ

### ସାମାଜିକ କର୍ମୀଙ୍କ କରୋନାରେ ମୃତ୍ୟୁ

**ବ୍ରଜରାଜନଗର,୨୩।୫(ଡି.ଏନ.ଏ.):** ବ୍ରଜରାଜନଗର ପୌରାଞ୍ଚଳର ବରଘାଟଠାରେ ଥିବା ଶିବମନ୍ଦିର ପ୍ରତିଷ୍ଠାତା ତଥା ବିଶିଷ୍ଟ ସାମାଜିକ କର୍ମୀ ଆଦିତ୍ୟ ଧଳଙ୍କର ୬୭ ବର୍ଷ ବୟସରେ କରୋନାରେ ମୃତ୍ୟୁ ଘଟିଛି । ଦୀର୍ଘ ୧୫ଦିନ ହେବ ସେ କରୋନାରେ ଆକ୍ରାନ୍ତ ହୋଇ ବରଗଡସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ବରଗଡ ଜିଲା ଭଟ୍ଲି କୋଭିଡ୍ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି । କେନ୍ଦ୍ରାପଡା ଜିଲାର ମୂଳବାସିନ୍ଦା ଆଦିତ୍ୟ ବ୍ରଜରାଜନଗର ଆସି ଓରିଏଣ୍ଟ ପେପର ମିଲ୍ରେ କର୍ମମୟ ଜୀବନ ଆରମ୍ଭ କରିଥିଲେ । ବରଘାଟ ଇବ୍ ନଦୀ କୂଳରେ ଶିବ ମନ୍ଦିର ଓ ଅନ୍ୟ ଦେବଦେବୀ ମନ୍ଦିର ନିର୍ମାଣ କରି ସେ ଝାରସୁଗୁଡା ଜିଲାରେ ଚର୍ଚ୍ଚାରେ ରହିଆସିଥିଲେ ।

### ନାଟ୍ୟକାର ଅର୍ଜୁନ ମୋହନ ସାହୁଙ୍କ ପରଲୋକ

**ଦେବଗଡ,୨୩।୫(ଡି.ଏନ.ଏ):** ଦେବଗଡ ଜିଲାର ବିଶିଷ୍ଟ ସାହିତ୍ୟିକ, କବି, ନାଟ୍ୟକାର ତଥା ଭାରତ ସ୍ୱାଭିମାନ ଟ୍ରଷ୍ଟ ଏବଂ ପତଞ୍ଜଳି



ଯୋଗ ସମିତିର ଜିଲା ସଭାପତି ଅର୍ଜୁନ ମୋହନ ସାହୁଙ୍କ ରବିବାର କଲେଜ ରୋଡ ସ୍ଥିତ ବାସଭବନରେ ପରଲୋକ ଘଟିଛି । ସ୍ୱର୍ଗତଃ ସାହୁ ତାଙ୍କ ଜୀବନକାଳ ମଧ୍ୟରେ ବହୁ ନାଟକ ରଚନା କରିବା ସହ ଜଣେ ସଫଳ ବେତାର ନାଟ୍ୟକାର ଭାବେ ପଶ୍ଚିମ ଓଡିଶାରେ ଜଣାଶୁଣା ଥିଲେ । ତାଙ୍କର ସାହିତ୍ୟ କୃତି ଓ କବିତା ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶିତ ହୋଇଛି । ଅଗ୍ରଣୀ ନାଟ୍ୟାନୁଷ୍ଠାନ ନବନାଟ୍ୟ ନିକେତନ ଓ ବାଲଭାରତୀ ଇଂଲିଶ ମିଡିୟମ ସ୍କୁଲର ପ୍ରତିଷ୍ଠା କ୍ଷେତ୍ରରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା । ସେହିପରି ସେ ଦୀର୍ଘବର୍ଷ ହେଲା ଭାରତ ସ୍ୱାଭିମାନ ଟ୍ରଷ୍ଟ ଏବଂ ପତଞ୍ଜଳି ଯୋଗ ସମିତିର ଦେବଗଡ ଜିଲା ସଭାପତି ଭାବେ କାର୍ଯ୍ୟ ନିର୍ବାହ କରୁଥିଲେ । ତାଙ୍କର ବିୟୋଗରେ ସମ୍ବଲପୁର ଏମ୍ପି ନିତେଶ ଗଙ୍ଗଦେବ, ଦେବଗଡ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରହୀ, ନବନାଟ୍ୟ ନିକେତନର ସଭାପତି ହେମନ୍ତ କୁମାର ମହାପାତ୍ର, ସମ୍ପାଦକ ଉପେନ୍ଦ୍ର ଭଞ୍ଜ, ବାମଣ୍ଡା କଳାକାର ସଂଘ ସଭାପତି ବିପିନ ବିହାରୀ ନନ୍ଦ ଓ ସମ୍ପାଦକ ରୋମିଓ ମହାପାତ୍ରଙ୍କ ସମେତ ବହୁ କବି, ସାହିତ୍ୟିକ, ନାଟ୍ୟକାର, ନାଟ୍ୟ କଳାକାର ଓ ବୁଦ୍ଧିଜୀବୀ ଶୋକବ୍ୟକ୍ତ କରିଛନ୍ତି । ଏକମାତ୍ର ପୁଅ ଅମ୍ବିକା ପ୍ରସାଦ ସାହୁ ମୁଖାଗ୍ନି ଦେଇଥିଲେ ।

### ବେଆଇନ ବାଲି ବୋଝେଇ ଗାଡ଼ିରୁ ୫୦ହଜାରରୁ ଊର୍ଦ୍ଧ୍ୱ ଜରିମାନା ଆଦାୟ

**ଲହୁଣୀପଡା,୨୩।୫(ଡି.ଏନ.ଏ.):** ସୁନ୍ଦରଗଡ ଜିଲା ଲହୁଣୀପଡା ତହସିଲଦାର ମୁରଲୀଧର ଉରମାଲଙ୍କ ନେତୃତ୍ୱରେ ରବିବାର ବେଆଇନ ଭାବେ ବାଲି ଚାଲାଣ କରୁଥିବା ୪ ଗାଡି ଉପରେ ଚଢ଼ାଉ କରାଯାଇ ୫୦ହଜାର ୩୧୫ ଟଙ୍କା ଜରିମାନା ଆଦାୟ କରାଯାଇଛି । ପ୍ରକାଶ ଯେ, ଲହୁଣୀପଡା ଆରଆଇ ସର୍କଲରୁ ଗୋଟିଏ ଟିପ୍ପର ଓ ଗୋଟିଏ ଟ୍ରାକ୍ଟର ଏବଂ ଖୁଣ୍ଟାଗାଁ ଆରଆଇ ସର୍କଲରୁ ଦୁଇଟି ଟ୍ରାକ୍ଟରରେ ବାଲି ଚାଲାଣ ହେଉଥିବା ଖବର ପାଇଁ ଚଢ଼ାଉ କରାଯାଇଥିଲା । ଗାଡିର କାଗଜପତ୍ର ଠିକ୍ ନ ଥିବାରୁ ଜରିମାନା ଆଦାୟ କରାଯାଇଥିଲା ।

### ଆମ୍ବ ଗଛରୁ ପଡ଼ି ଯୁବକଙ୍କ ମୃତ୍ୟୁ

**ବୌଦ୍ଧ,୨୩।୫(ସ୍ୱ.ପ୍ର.):** ଆମ୍ବ ଗଛରୁ ପଡିଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ରାଜୁ ବରଣ (୨୫) । ତାଙ୍କ ଘର ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ତିଲେଶ୍ୱର ପଞ୍ଚାୟତ ଅନ୍ତର୍ଗତ ବୁରୁବୁଡା ଗ୍ରାମରେ । ରାଜୁ ଆମ୍ବ ତୋଳିବାକୁ ଗ୍ରାମ ନିକଟସ୍ଥ ଏକ ଗଛରେ ଚଢ଼ିଥିଲେ । ଏହି ସମୟରେ ହଠାତ ଗୋଡ ଖସିଯିବାରୁ ସେ ତଳେ ପଡିଯାଇ ଗୁରୁତର ହୋଇଥିଲେ । ପରିବାର ଲୋକେ ତାଙ୍କୁ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ରବିବାର ସକାଳେ ତାଙ୍କର ମୃତ୍ୟୁ ଘଟିଛି । ତେବେ ବୌଦ୍ଧ ଚିକିତ୍ସାଳୟରେ ଭୁଲ ଇଞ୍ଜେକ୍ସନ ଦେବା ଯୋଗୁ ତାଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ କରି ଲୋକେ ପାଟିତୁଣ୍ଡ କରିଥିଲେ ।

## କଲ୍ୟାଣମଣ୍ଡପରେ ଆଣ୍ଟିଜେନ୍ ଟେଷ୍ଟ ନିଷ୍ପତ୍ତି

**କୁତ୍ରା,୨୩।୫(ଡି.ଏନ.ଏ.)**

କରୋନାକୁ ପ୍ରତିହତ କରିବା ପାଇଁ ସୁନ୍ଦରଗଡ ଜିଲା କୁତ୍ରା ବ୍ଲକର କନଫରେନ୍ସ ହଲଠାରେ ବିଡିଓ ମାନସ ରଞ୍ଜନ ରାୟଙ୍କ ନେତୃତ୍ୱରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଡାକ୍ତରଖାନାରେ ଭିଡ କମାଇବା ପାଇଁ ଆଣ୍ଟିଜେନ୍ ଟେଷ୍ଟକୁ ସୋମବାରଠାରୁ କୁତ୍ରା କଲ୍ୟାଣମଣ୍ଡପଠାରେ କରିବା ଲାଗି ବୈଠକରେ ନିଷ୍ପତ୍ତି ହୋଇଥିଲା । ଉକ୍ତ ବୈଠକରେ କୁତ୍ରା ବ୍ଲକର ୧୬ଗୋଟି ଗ୍ରାମ ପଞ୍ଚାୟତର ସରପଞ୍ଚ,ଏବିଡିଓ ପ୍ରଶାନ୍ତ କୁମାର ଜେନା, ସିଡିପିଓ ସୁବାଷି ମୁଣ୍ଡୁ, ସ୍ଥାନୀୟ ହସ୍ପିଟାଲର ଓରାମ ବାବୁ, ପ୍ରମୋଦ ସ୍ୱାଇଁ ଯୋଗଦେଇ କରୋନାକୁ ମୁକାବିଲା ପାଇଁ କି କି ପଦକ୍ଷେପ ନିଆଯିବା ଦରକାର ସେ ନେଇ ବିସ୍ତୃତ ଆଲୋଚନା କରିଥିଲେ । କୁତ୍ରା ବ୍ଲକର


ବୈଠକରେ ଯୋଗ ଦେଇଥିବା ସରପଞ୍ଚ ଓ ସ୍ୱାସ୍ଥ୍ୟ କର୍ମଚାରୀ ।

ସ୍ୱାସ୍ଥ୍ୟକର୍ମୀ ଓ ଅଙ୍ଗନୱାଡି କର୍ମୀମାନେ ଗାଁରେ ଘରକୁ ଘର ବୁଲି ଥଣ୍ଡା, କାଶ, ଜ୍ୱର କିମ୍ବା କରୋନା ଲକ୍ଷଣ ଥିବା ବ୍ୟକ୍ତି ବିଶେଷଙ୍କୁ ଚିହ୍ନଟ କରିବେ । ତାଙ୍କ ଚିହ୍ନଟ ମୁତାବକ ଆଣ୍ଟିଜେନ ଟେଷ୍ଟ କରାଯିବ । ସରପଞ୍ଚମାନେ କିଛି ସ୍ୱେଚ୍ଛାସେବୀଙ୍କ ଜରିଆରେ ଲୋକଙ୍କୁ କରୋନା ସମ୍ବନ୍ଧରେ ସଚେତନ କରିବା ସହିତ ମାସ୍କ ଓ ସାନିଟାଇଜର ବଣ୍ଟନ କରିପାରିବେ । ଏହାର ସମସ୍ତ ଖର୍ଚ୍ଚ ସରକାର ବହନ କରିବେ ବୋଲି ବିଡିଓ କହିଥିଲେ । କୁତ୍ରା ସରକାରୀ ଡାକ୍ତରଖାନାରେ ବିଭିନ୍ନ ପ୍ରକାର ରୋଗୀଙ୍କ ଟେଷ୍ଟ ହେଉଥିବାରୁ କରୋନା ଟେଷ୍ଟ ପାଇଁ ସମସ୍ୟା ହେଉଛି । ଏହାକୁ ଦୃଷ୍ଟିରେ ରଖି କୁତ୍ରା କଲ୍ୟାଣ ମଣ୍ଡପରେ ଆଣ୍ଟିଜେନ ଟେଷ୍ଟ କରାଯିବ ବୋଲି ବିଡ଼ିଓ ରାୟ ବୈଠକରେ ସୂଚନା ଦେଇଥିଲେ ।

## ଟୋକନ ଗାଏବ, ମଣ୍ଡିରେ ତାଲା

**ବରଗଡ଼ ଅଫିସ,୨୩।୫**

ଧାନବିକ୍ରିରେ ଟୋକନ କଟକଣା ଚାଷୀଙ୍କ ପାଇଁ ସମସ୍ୟା ପାଲଟିଛି । ଏହି କଟକଣା ଯୋଗୁ ଚାଷୀମାନେ ଧାନ ବିକ୍ରିରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଟୋକନ କଟକଣାକୁ ବାଧ୍ୟତାମୂଳକ କରାଯାଇଥିଲେ ସୁଦ୍ଧା ଏହା ବିଭିନ୍ନ ସମୟରେ ଅବ୍ୟବସ୍ଥିତ ହୋଇପଡୁଛି ଏବଂ ଏଥିପାଇଁ ଚାଷୀଙ୍କୁ କ୍ଷତି ସହିବାକୁ ପଡୁଛି । ରବିବାର ଟୋକନ କଟକଣାରେ ଏଭଳି ଅବ୍ୟବସ୍ଥା ଯୋଗୁ ଅନେକ ଚାଷୀଙ୍କୁ ହଟହଟା ହେବାକୁ ପଡ଼ିଥିଲା । କାଳବୈଶାଖୀ ଯୋଗୁ ପ୍ରଥମ ପର୍ଯ୍ୟାୟରେ ଇସ୍ୟୁ ହୋଇଥିବା ଟୋକନ ଅବଧିକୁ ୨୪ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ରହିଥିଲା । ମାତ୍ର ତଦନୁଯାୟୀ ଟୋକନ ଅବଧି ଜେନେରେଟ୍ କରାଯାଇ ନ ଥିଲା । ଅନ୍ୟପଟେ ସେହି ପର୍ଯ୍ୟାୟର ଟୋକନ ଗାଏବ ହୋଇ ଯାଇଥିଲା । ବରଗଡ଼ ନିୟନ୍ତ୍ରିତ ବଜାର କମିଟି ଅଧୀନ କଳାପାଣି ମଣ୍ଡି ଉପରେ ନିର୍ଭରଶୀଳ ୨୨ଜଣ ଚାଷୀଙ୍କ କ୍ଷେତ୍ରରେ ଏଭଳି ସମସ୍ୟା ଉପୁଜିଥିଲା । ଏହାର ପ୍ରତିବାଦରେ ଚାଷୀମାନେ ସକାଳୁ ମଣ୍ଡିରେ ତାଲା ପକାଇ ପ୍ରତିବାଦ କରିଥିଲେ । ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ଦୀର୍ଘ ସମୟ ଧରି କିଛି ସୁଫଳ ମିଳି ନ ଥିଲା । ଅପରାହ୍ନ ପ୍ରାୟ ୧ଟାରେ ସମ୍ପୃକ୍ତ ଚାଷୀଙ୍କ ଟୋକନ ରି-ଜେନେରେଟ୍ ହୋଇଥିଲା ଏବଂ ଏହାପରେ ଚାଷୀମାନେ ମଣ୍ଡିରୁ ତାଲା ଖୋଲିଥିଲେ ।

## ଅର୍ଦ୍ଧନିର୍ମିତ ମାର୍କେଟ କମ୍ପ୍ଲେକ୍ସ ଭାଙ୍ଗିଲା ପୌରପାଳିକା

**ରାଜଗାଙ୍ଗପୁର,୨୩।୫(ଡି.ଏନ.ଏ.)**

ରାଜଗାଙ୍ଗପୁରର ସୂତା ମିଲ ନିକଟରେ ଦୀର୍ଘ ଦିନରୁ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ଥିବା ଏକ ମାର୍କେଟ କମ୍ପ୍ଲେକ୍ସକୁ ରବିବାର ପୌରପାଳିକା ପକ୍ଷରୁ ପୋଲିସ ଉପସ୍ଥିତିରେ ଭଙ୍ଗାଯାଇଛି । ଏହି ଗୃହଗୁଡିକ ରାସ୍ତା ପାର୍ଶ୍ୱରେ ହୋଇଥିବାରୁ ଯାନବାହାନ ଯିବା ଆସିବାରେ ସମସ୍ୟା ସୃଷ୍ଟି ହେଉଥିଲା । ୨୦୧୩ ମସିହାରେ ଲକ୍ଷାଧିକ ଟଙ୍କା ବ୍ୟୟରେ ହୋଇଥିବା ଏହି ଗୃହଗୁଡିକ ଜନସାଧାରଣଙ୍କ ବ୍ୟବହାର ଉପଯୋଗୀ ହୋଇପାରିଲା ନାହିଁ । ତେଣୁ ଏହାକୁ ଭାଙ୍ଗିବା ପାଇଁ ବିଭିନ୍ନ ମହଲରୁ ଦାବି ହୋଇ ଆସୁଥିଲା । ରାସ୍ତା କଡରେ ବସି ବିକ୍ରି କରୁଥିବା ଉଠା ଦୋକାନୀମାନଙ୍କୁ ପୌରପାଳିକା ଗୃହ ଯୋଗାଇବାରେ ସମର୍ଥ ହେଉ ନ ଥିବା ବେଳେ ଅର୍ଦ୍ଧନିର୍ମିତ ମାର୍କେଟ କମ୍ପ୍ଲେକ୍ସ ଭାଙ୍ଗିବା ସରକାର କା ମାଲ ଦରିଆ ମେ ଡାଲ ଭଳି ହେଉଛି । ସରକାରଙ୍କ ଲକ୍ଷାଧିକ ଟଙ୍କାର ରାଜସ୍ୱ ହାନି ହେଉଥିଲେ ହେଁ କାହାରି ନିଘା ନାହିଁ । ଏ ସମ୍ପର୍କରେ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା କହିଛନ୍ତି ଯେ, ଉକ୍ତ ମାର୍କେଟ କମ୍ପ୍ଲେକ୍ସ ବେଆଇନ ଭାବେ ନିର୍ମିତ ହୋଇଥିବା ବେଳେ ଏହା ସହରର ପ୍ରବେଶ ପଥ ହୋଇଥିବାରୁ ଚଳପ୍ରଚଳରେ ଅସୁବିଧା ହେଉଥିଲା । ଏଣୁ ପୌର ପରିଷଦ ମୌଳିକ ଦାୟିତ୍ୱ ତୁଲାଇବାକୁ ଯାଇ ଏହା ଭଙ୍ଗାଯାଇଛି ।


ମାର୍କେଟ କମ୍ପ୍ଲେକ୍ସ ଭଙ୍ଗାଯାଉଛି ।

## ଜବରଦଖଲ ଉଚ୍ଛେଦ ପାଇଁ ଦାବିପତ୍ର

**ନୂଆପଡ଼ା ଅଫିସ,୨୩।୫**

ନୂଆପଡା ସଦର ବ୍ଲକ ଆମସେନା ପଞ୍ଚାୟତ ଠେଲକୋବେଡା ଗାଁରେ ସରକାରୀ ଗୋଚର ଜମିକୁ ଜବରଦଖଲ କରାଯାଇଛି । ଜବରଦଖଲକାରୀଙ୍କଠାରୁ ଗୋଚର ଜମି ଉଚ୍ଛେଦ ପାଇଁ ଶନିବାର ନୂଆପଡା ଜିଲାପାଳଙ୍କୁ ଗ୍ରାମବାସୀ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଗାଁରେ କିଛି ଗୋଚର ଜମିକୁ କେତେଜଣ ଲୋକ ବେଆଇନ ଭାବରେ ଦଖଲ କରି ଘର କରିଛନ୍ତି । ସେହିପରି ଲାଲ ପାହାଡ ଉପରେ ଦୁର୍ଗା ଦେବୀ ମନ୍ଦିର ନିକଟରେ ଥିବା ଜମି ଉପରେ ଲୋକମାନେ ଜୋରଜବରଦସ୍ତ ଘର ତିଆରି କରିଛନ୍ତି । ଏ ନେଇ ସ୍ଥାନୀୟ ଆରଆଇ, ନୂଆପଡା ତହସିଲଦାର ପାଖରେ ଅଭିଯୋଗ କଲେ ମଧ୍ୟ ସୁଫଳ ମିଳୁନାହିଁ । ଗୋଚର ଜମିକୁ ଦଖଲକାରୀଙ୍କଠାରୁ ମୁକ୍ତ କରିବାକୁ ଜିଲାପାଳଙ୍କଠାରେ ଜମ ପାଣ୍ଡେ, ଚଇଧ ରାମ, ମିନାଲାଲ ପାଣ୍ଡେ, ପ୍ରମୋଦ ପାଣ୍ଡେ, ଭିମ ସତନାମି ପ୍ରମୁଖ ଦାବି କରିଛନ୍ତି ।

## ବିଦ୍ୟୁତ୍ ବିଭ୍ରାଟ: ଲୋକେ ହନ୍ତସନ୍ତ

**ତରକେରା ପଞ୍ଚାୟତ**

**କୁତ୍ରା,୨୩।୫(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅଧୀନ ତରକେରା ପଞ୍ଚାୟତରେ ବିଦ୍ୟୁତ୍ ବିଭ୍ରାଟ ସାଙ୍ଗକୁ ଲୋ ଭୋଲଟେଜ ସମସ୍ୟା ନିତିଦିନିଆ ଘଟଣାରେ ପରିଣତ ହୋଇଛି । ବର୍ତ୍ତମାନ ପ୍ରବଳ ଗରମ ଅନୁଭୂତ ହେଉଥିବା ବେଳେ ବିଦ୍ୟୁତ୍ର ଲୁଚକାଳି ଖେଳ ଯୋଗୁ ଲୋକେ ହନ୍ତସନ୍ତ ହେଉଛନ୍ତି ।

କୁତ୍ରା ସଦର ମହାକୁମା ଠାରୁ ପ୍ରାୟ ୧୬ କିଲୋମିଟର ଦୂରରେ ଥିବା ଏହି ପଞ୍ଚାୟତରେ ବିଦ୍ୟୁତ୍ ବିଭ୍ରାଟ ନେଇ ଅସନ୍ତୋଷ ଲାଗି ରହିଛି । ପ୍ରାୟ ସମସ୍ତ ୱାର୍ଡକୁ ବିଦ୍ୟୁତ୍ ସଂଯୋଗ ଥିବା ବେଳେ ଅଧିକାଂଶ ସମୟରେ ଲାଇନ ରହୁ ନ ଥିବା ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି । ୧୨ଟି ୱାର୍ଡ ମଧ୍ୟରୁ ୮ ନମ୍ବର ୱାର୍ଡରେ ଗତ ୧୫ ଦିନରୁ ଊର୍ଦ୍ଧ୍ୱ ହେବ ବିଦ୍ୟୁତ୍ ସମସ୍ୟା ଦେଖାଯାଇଛି । ୧୫ ଦିନ ମଧ୍ୟରୁ ୫ ଦିନ ବିଦ୍ୟୁତ ସେବା ସମ୍ପୂର୍ଣ୍ଣ ଠପ୍ ଥିବା ବେଳେ ଏବେ ୧୦ ଦିନ ହେବ ଲୋ ଭୋଲଟେଜ ରହୁଛି । ଫଳରେ ଫ୍ୟାନ୍ ବୁଲୁନାହିଁ କି କୁଲର ଚାଲୁନାହିଁ । ଲୋକେ ଗରମରେ କଲବଲ ହୋଇ ଦିନ କାଟୁଛନ୍ତି । ଏ ନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ଅନ୍ୟପକ୍ଷରେ ଏହି ପଞ୍ଚାୟତର କେବଳ ୭ ଓ ୮ ନମ୍ବର ୱାର୍ଡରେ କେବୁଲ ଟଣାଯାଇଛି । ଅନ୍ୟ ୱାର୍ଡରେ କେବୁଲ ତାର ଟଣା ଯାଇ ନ ଥିବାରୁ କେତେଜଣ ବ୍ୟକ୍ତି ହୁକ୍ ପକାଇ ଚୋରାରେ ବିଦ୍ୟୁତ୍ ବ୍ୟବହାର କରୁଥିବାରୁ ଏଭଳି ସମସ୍ୟା ଦେଖାଦେଇଥିବା ଅଭିଯୋଗ ହେଉଛି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାକୁ ଦାବି ହେଉଛି ।

## ସ୍ୱାସ୍ଥ୍ୟ ଉପକରଣ ବଣ୍ଟନ କଲେ ଜୁଏଲ

**ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ**

**ସୁନ୍ଦରଗଡ଼,୨୩।୫(ଡି.ଏନ.ଏ.)**

ସୁନ୍ଦରଗଡ ଏମ୍ପି ତଥା ସଂସଦୀୟ ପ୍ରତିରକ୍ଷା କମିଟିର ଅଧକ୍ଷ ଜୁଏଲ ଓରାମ ଶନିବାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ସ୍ୱାସ୍ଥ୍ୟକର୍ମୀମାନଙ୍କୁ ସ୍ୱାସ୍ଥ୍ୟ ଉପକରଣ ପ୍ରଦାନ କରିଛନ୍ତି । ତାଙ୍କ ସହିତ ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ, ଜିଲା ସଭାପତି ତଥା ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ ପ୍ରମୁଖ ସୁନ୍ଦରଗଡ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଟାଙ୍ଗରପାଲି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ସର୍ଗିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଲେଫ୍ରିପଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ହେମଗିର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ମଙ୍ଗସପୁର ଓ କୁଣ୍ଡୁକେଲା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ । ଏହି ଅବସରରେ କରୋନା ମୁକାବିଲା ପାଇଁ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ପିପିଇ କିଟସ, ଅକ୍ସିମିଟର, ଥର୍ମୋମିଟର ଆଦି ପ୍ରଦାନ କରିଥିଲେ । ବସୁନ୍ଧରା ଅଞ୍ଚଳରେ ଏମସିଏଲ ଦ୍ୱାରା ହେବାକୁ ଥିବା ୫୦ ଶଯ୍ୟା ବିଶିଷ୍ଟ ଆଇସିୟୁ କୋଭିଡ଼ କେନ୍ଦ୍ରର ଭିତ୍ତିଭୂମି ବୁଲି ଦେଖିବା ସହିତ ଡାକ୍ତର ଓ ଏମସିଏଲ କର୍ତ୍ତୃପକ୍ଷଙ୍କ ସହ ବିସ୍ତୃତ ଭାବେ ଆଲୋଚନା କରିଥିଲେ ।

କୁଣ୍ଡୁକେଲା ପଞ୍ଚାୟତରେ ଗ୍ରାମ ଗ୍ରାମ ବୁଲି ଗ୍ରାମବାସୀଙ୍କୁ ସଚେତନ କରୁଥିବା କୁଣ୍ଡୁକେଲା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଏଏନଏମ ପଟେଲ, ଆଶାକର୍ମୀ ଦୁଶିଳା ଭଇଁସାଲ, ସୁଜାତା ନାଏକ, ଡ.ସଞ୍ଜୀବ କେର୍କେଟା, ହେମନ୍ତ କୁମାର ଗୋଖୁରା ଏବଂ ଲକ୍ଷ୍ମୀକାନ୍ତ ନାଏକଙ୍କୁ ସେମାନଙ୍କ କାର୍ଯ୍ୟ ପାଇଁ ଏମପି ଓରାମ ପ୍ରଶଂସା କରିବା ସହିତ ଏଏନଏମ ପଟେଲଙ୍କୁ ଉପଢୌକନ ଦେଇ ସମ୍ମାନିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜାତୀୟ ପରିଷଦ ସଭ୍ୟ ପ୍ରେମସାଗର ଓରାମ , ଏମପିଙ୍କ ଜିଲା ପ୍ରତିନିଧି ବଟକିଶୋର ମିଶ୍ର, ଜିଲା ସାଧାରଣ ସମ୍ପାଦକ ସୁଖଲାଲ ମୁଣ୍ଡା, ଅମିର ନାଏକ, ଦିନେଶ କର, କୌତୁକ ଚୌଧୁରୀ, ବିଶିକେଶନ ସା, ବିଧାୟିକାଙ୍କ ପ୍ରତିନିଧି ସରୋଜ ପାଣିଗ୍ରାହୀ ସାମିଲ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ସଭାପତି ହିରାଧର ମାଝୀ, ଅରୁଣ ପ୍ରଧାନ, ଉଦିତ ଖରସେଲ, ପ୍ରଦୀପ ଚୌଧୁରୀ, ରାଜକୁମାର ନାଏକ, ସୁରେଶ ଚନ୍ଦ୍ର ପଟେଲ, ଯଦୁମଣି ପଟେଲ, ଶଶୀଶେଖର ନାଏକ, ସଞ୍ଜୀବ ସିଂହ, ସିମେଶ୍ୱର ଲରିଆ କ୍ଷୀରୋଦ ସାହୁ, ହରିହର ପଟେଲ, ଜୟରାମ କିଷାନ, ସନ୍ତୋଷ ସିଂହ ପ୍ରମୁଖ ଉପସ୍ଥିତ ଥିଲେ ।


ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ ସମୟରେ ଏମ୍ପି ଜୁଏଲ ଓରାମ , ବିଧାୟିକା କୁସୁମ ଟେଟେ ସ୍ୱାସ୍ଥ୍ୟକର୍ମୀଙ୍କ ସହ ଆଲୋଚନା କରୁଛନ୍ତି ।

**ସଙ୍ଗରୋଧରେ ୭୭ ପଶ୍ଚିମବଙ୍ଗ ଫେରନ୍ତା**

**ବରଗଡ଼ ଅଫିସ୍:** ବରଗଡ଼କୁ ରବିବାର ୭୭ଜଣ ପଶ୍ଚିମବଙ୍ଗରୁ ଫେରିଛନ୍ତି । ସମ୍ପୃକ୍ତ ପଶ୍ଚିମବଙ୍ଗ ଫେରନ୍ତାଙ୍କୁ ବରଗଡ଼ର ବିଭିନ୍ନ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର (ଟିଏମ୍‌ସି)ରେ ସଙ୍ଗରୋଧରେ ରଖାଯାଇଛି । ସେମାନଙ୍କ ମଧ୍ୟରୁ ୩୪ଜଣ ବରଗଡ଼ ଆନନ୍ଦ ମଣ୍ଡପ, ୨୭ଜଣ ବରଡ଼ୋଲ ସେବାଶ୍ରମ, ୪ଜଣ ଗୁଡ଼େଶିରା ହାଇସ୍କୁଲ ଏବଂ ୧୨ଜଣଙ୍କୁ ବରପାଲି ଓଟିଡିସି ଭବନ ଟିଏମ୍‌ସିରେ ରହିଛନ୍ତି । ସେହିପରି ବାହ୍ୟରାଜ୍ୟରୁ ଫେରିଥିବା ଅନ୍ୟ ୧୧ଜଣଙ୍କୁ ମଧ୍ୟ ବରପାଲି ଓଟିଡିସି ଭବନରେ ରଖାଯାଇଛି ବୋଲି ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ସୂଚନା ଦେଇଛନ୍ତି । ପଶ୍ଚିମବଙ୍ଗ ଫେରନ୍ତାମାନେ ସମ୍ବଲପୁର ପର୍ଯ୍ୟନ୍ତ ଟ୍ରେନରେ ଆସିଥିଲେ । ସେଠାରୁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ୨ଟି ବସ୍ ଯୋଗେ ବରଗଡ଼ ଅଣାଯାଇଥିଲା ।

# ଅବହେଳାରୁ ଅଭାବୀ ବିକ୍ରି ଆଶଙ୍କା

**ବରଗଡ଼ ଅଫିସ୍,୨୩।୫**

ଧାନ ବିକ୍ରି ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଚାଷୀ ପରିଚୟପତ୍ରକୁ ବାଧ୍ୟତାମୂଳକ କରାଯାଇଛି । ଟୋକନ କଟକଣା ମଧ୍ୟ ଏଥର କଡ଼ାକଡ଼ି ହୋଇଛି । ମାତ୍ର ସରକାରୀ କଳର ତ୍ରୁଟି ଯୋଗୁ ବରଗଡ଼ ଜିଲାର ଅନେକ ଚାଷୀ ସେମାନଙ୍କ ଅମଳ ଧାନ ବିକ୍ରିରୁ ବଞ୍ଚିତ ହେବା ଆଶଙ୍କା ପ୍ରକାଶ ପାଇଛି । ଚାଷୀ ନିର୍ଦ୍ଧାରିତ ସମୟରେ ସମସ୍ତ କାଗଜପତ୍ର ଦାଖଲ କରିଥିଲେ ସୁଦ୍ଧା ପରିଚୟ ପତ୍ର, ଟୋକନରେ ବିକ୍ରିଯୋଗ୍ୟ ଧାନକୁ ଯଥେଷ୍ଟ କମାଇ ଦିଆଯାଇଛି । ଅଣଜଳସେଚିତ ଅଞ୍ଚଳର ଚାଷୀଙ୍କ କ୍ଷେତ୍ରରେ ଏଭଳି ତ୍ରୁଟି ସମସ୍ୟା ଭାବେ ଉଭା ହୋଇଛି । ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହେବା ଆଶଙ୍କା ରହିଛି ।

ଅଣଜଳସେଚିତ ଅଞ୍ଚଳର ଚାଷୀଙ୍କୁ କେବଳ ୧ହେକ୍ଟର ଜମିରୁ ଅମଳ ଧାନକୁ ବିକ୍ରିଯୋଗ୍ୟ ଏବଂ ଏକର ପ୍ରତି ୨୬କୁଇଣ୍ଟାଲ ହାରରେ ତାକୁ କିଣାଯିବ ବୋଲି ସରକାର ପୂର୍ବରୁ ନିଷ୍ପତ୍ତି ନେଇ ସାରିଛନ୍ତି । ସରକାରଙ୍କ ଏହି ନିଷ୍ପତ୍ତି ଅନୁସାରେ ଅଣଜଳସେଚିତ ଅଞ୍ଚଳର ଜଣେ ଚାଷୀ ୧ହେକ୍ଟର (ଅଢ଼େଇ ଏକର) ଜମିର ଅମଳ ଧାନରୁ କେବଳ ୬୫କୁଇଣ୍ଟାଲ ବିକ୍ରି କରିପାରିବ । କିନ୍ତୁ ପରିଚୟପତ୍ର, ଟୋକନ ପ୍ରଭୃତିରେ ବିଭାଗୀୟ ଅଧିକାରୀମାନେ ଏଭଳି ଅବହେଳା କରିଛନ୍ତି, ଯେଉଁଥିପାଇଁ ଚାଷୀଙ୍କୁ ଏହାର ଦୁର୍ଦ୍ଦଶା ଭୋଗିବାକୁ ପଡୁଛି । ଫଳରେ ଚାଷୀ ଟୋକନରେ ନିର୍ଦ୍ଧାରିତ ଦିବସ ସୁଦ୍ଧା ଧାନ ବିକିବାରେ ବର୍ତ୍ତମାନ ଅସୁବିଧାର ସମ୍ମୁଖୀନ ହୋଇଛି । ଉର୍ଦ୍ଦୁନାର ରୂପେଶ୍ୱର ମାଝିଙ୍କ ପରିଚୟପତ୍ର, ଟୋକନରେ ବିକ୍ରିଯୋଗ୍ୟ ଧାନ ପରିମାଣ ଅତିକମ୍‌ରେ ୬୫ କୁଇଣ୍ଟାଲ ରହିବା କଥା । କିନ୍ତୁ ସେଥିରେ ୬୫ କୁଇଣ୍ଟାଲ ବଦଳରେ ମାତ୍ର ୧କୁଇଣ୍ଟାଲ ୩୦କି.ଗ୍ରା ରହିଛି । ସେହିପରି ଉର୍ଦ୍ଦୁନା ଅଞ୍ଚଳର ବୁଦ୍ଧଦେବ ସରାଫଙ୍କୁ ମିଳିଥିବା ଟୋକନରେ ବିକ୍ରିଯୋଗ୍ୟ ଧାନ ପରିମାଣ ୧କୁଇଣ୍ଟାଲ ୪କି.ଗ୍ରା, ହେମସାଗର ସାହୁଙ୍କ ଟୋକନରେ ୨କୁଇଣ୍ଟାଲ ୮କି.ଗ୍ରା. ସୁଦାମ ଚରଣ ଭୋଇଙ୍କ ଟୋକନରେ ୫.୯୮ କୁଇଣ୍ଟାଲ ଧାନ ବିକ୍ରିଯୋଗ୍ୟ ବୋଲି ଉଲ୍ଲେଖ ରହିଛି । ତେବେ ଏହା କେବଳ ଗୋଟିଏ ଲେଖାଏଁ ଦୃଷ୍ଟାନ୍ତ ମାତ୍ର । ଜିଲାର ଉର୍ଦ୍ଦୁନା, ଡଭା, ଟାଲ, ଟେମରୀ, ମାଣ୍ଡୋସିଲ, ସରକଣ୍ଡା, ପାଣିମୋରା ଆଦି ପ୍ୟାକ୍ସ ଉପରେ ନିର୍ଭରଶୀଳ ପ୍ରାୟ ୭ହଜାର ଚାଷୀଙ୍କ କ୍ଷେତ୍ରରେ ଏଭଳି ବିଭାଗୀୟ ତ୍ରୁଟି ରହିଛି ବୋଲି ଚାଷୀନେତା ରମେଶ ମହାପାତ୍ର କହିଛନ୍ତି । ଚାଷୀଙ୍କୁ ସରକାରୀ ସହାୟକ ମୂଲ୍ୟରେ ଧାନ ବିକ୍ରିରୁ ବଞ୍ଚିତ କରିବା ତଥା ମୁନାଫାଖୋର, ବେପାରୀ, ମିଲର୍ସଙ୍କ ପାଖରେ ଅଣ୍ଡରରେଟ୍‌ରେ ଧାନ ବିକ୍ରିପାଇଁ ଜାଣିଶୁଣି ଏଭଳି ତ୍ରୁଟି କରାଯାଇଛି ବୋଲି ଚାଷୀନେତା ମହାପାତ୍ର ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଜାଣିବାକୁ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ରଜନୀକାନ୍ତ ଦାଶଙ୍କୁ ମୋବାଇଲ ନଂ–୯୪୩୮୨୦୦୦୩୩ରେ ଯୋଗାଯୋଗ କରାଯାଇଥିଲା । ମାତ୍ର ମୋବାଇଲ ବନ୍ଦ ରହିଥିବା ଯୋଗୁ ତାଙ୍କ ମତାମତ ମିଳିପାରି ନାହିଁ ।


ଅତାବିରା ମଣ୍ଡିରେ ବିକ୍ରି ଅପେକ୍ଷାରେ ପଡ଼ି ରହିଥିବା ଧାନ ।

■ବିକ୍ରିଯୋଗ୍ୟ ଧାନ ପରିମାଣ ହ୍ରାସ
■ଧାନବିକ୍ରିରୁ ଚାଷୀ ବଞ୍ଚିତ ହେବେ

# ପଞ୍ଜୀକରଣରେ ତ୍ରୁଟି, ଉଠୁନି ଧାନ

**ବିନିକା,୨୩।୫(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅଞ୍ଚଳରେ ପ୍ୟାକ୍ସ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ରବି ଧାନ କିଣା ମେ' ୧୭ତାରିଖରୁ ଆରମ୍ଭ ହୋଇଛି । ମେଘଲା ଶିବାନୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମେଘଲା, ଯଦପୁର, ସାହାଜବାହାଲ ଓ ସିଲଗୁରି ଆଦି ଗାଁର ଚାଷୀଙ୍କ ଧାନକ୍ରୟ ପାଇଁ ମଞ୍ଜୁରୀ ପାଇଛି । ଚାଷୀଙ୍କ ତ୍ରୁଟିଶୂନ୍ୟ ପଞ୍ଜୀକରଣ ପାଇଁ ଜିଲା ଯୋଗାଣ ବିଭାଗ ନିର୍ଦ୍ଦେଶ ଦେଇଥିଲା । ଭାଗଚାଷୀଙ୍କ ନାଁ ପଞ୍ଜୀକରଣ ପାଇଁ ଏ' ଫର୍ମାଟରେ ଜମି ମାଲିକଙ୍କ ସ୍ୱୀକୃତି ପତ୍ର ଓ ଆଧାର କାର୍ଡ ନମ୍ବର ସହ ଭାଗଚାଷୀଙ୍କ ଆଧାର କାର୍ଡ ଜରୁରୀ ବୋଲି କୁହାଯାଇଥିଲା । ସେହିପରି ବି' ଫର୍ମାଟରେ ଧାନବିକ୍ରି ପାଇଁ ଆବେଦନ କରିଥିବା ଭାଗଚାଷୀଙ୍କର ଆଧାର ନମ୍ବର ଆବଶ୍ୟକ ବୋଲି କୁହାଯାଇଥିଲା । ମାତ୍ର ମେଘଲା ଶିବାନୀ ମହିଳା ଗ୍ରୁପ୍ ଏ'ଫର୍ମାଟରେ ଭାଗଚାଷୀଙ୍କ ଆଧାର ନମ୍ବର ଦେଇଥିବା ବେଳେ ବି' ଫର୍ମାଟରେ ସେମାନଙ୍କ ଆଧାର ନମ୍ବର ଉଲ୍ଲେଖ କରି ନ ଥିଲା । ଫଳରେ ମେଘଲା ଅଞ୍ଚଳର ୮୪ଜଣ ଭାଗଚାଷୀଙ୍କ ନାମ ଧାନବିକ୍ରି ପାଇଁ ତାଲିକାଭୁକ୍ତ ହୋଇପାରିନାହିଁ । ଏଥିଯୋଗୁ ସମ୍ପୃକ୍ତ ଭାଗଚାଷୀମାନେ ଚିନ୍ତାରେ ପଡିଛନ୍ତି । ଜିଲାରେ ରବିଧାନ ସଂଗ୍ରହ ପ୍ରକ୍ରିୟାର ୬ଦିନ ନ ପୂରୁଣୁ ଧାନକିଣା ବ୍ୟବସ୍ଥାରେ ବିଭ୍ରାଟ ଦେଖାଦେଲାଣି । ଚଳିତ ରବି ଋତୁରେ ମେଘଲା ଶିବାନୀ ସ୍ୱୟଂ ସହାୟକ ଗୋଷ୍ଠୀ ପଞ୍ଚାୟତ ଅନ୍ତର୍ଗତ ୩୨୫ ଚାଷୀଙ୍କର ରବିଧାନ କିଣିବା ନେଇ ପଞ୍ଜୀକୃତ ହୋଇଥିଲା । ସେଥିରୁ ୮୪ଜଣ ଭାଗଚାଷୀ ଓ ୨୪୧ଜଣ ଚାଷୀ ଥିଲେ । ଏଯାଏ ୩୭୪୨. ୭୯କୁଇଣ୍ଟାଲ ଧାନ କିଣା ସରିଛି । ୮୪ଜଣ ଭାଗଚାଷୀଙ୍କ ନାଁ ପଞ୍ଜୀକୃତ ତାଲିକାରେ ନ ଥିବାରୁ ଏବେ ସେମାନେ ଅମଳ ଧାନକୁ ଖୋଲା ଆକାଶ ତଳେ ଜମା କରି ରଖିଛନ୍ତି । ଆସନ୍ତା ୨୬ତାରିଖରେ ୟାସ୍ ପ୍ରଭାବରେ ହେବାକୁ ଥିବା ସମ୍ଭାବ୍ୟ ବାତ୍ୟା ଓ ବର୍ଷା ପାଇଁ ଆଖିରୁ ନିଦ ହଜି ଯାଇଥିବା କହିଛନ୍ତି ଅଭିମନ୍ୟୁ ପଧାନ, ଅକ୍ରୁର ବିଶି, ଅମ୍ରିୟ କୁମାର କଂଟା, କାଳୀଚରଣ ବାବୁ, ଭୁବନ ସାହୁ ପ୍ରମୁଖ ଭାଗଚାଷୀ । ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ ନ ହେଲେ ମେଘଲା ମଣ୍ଡିରେ ଧାନକିଣା ପ୍ରକ୍ରିୟା ବନ୍ଦ କରିଦେବାକୁ ସେମାନେ ଚେତାବନୀ ଦେଇଛନ୍ତି । ସମସ୍ୟା ନେଇ ମେଘଲା ଶିବାନୀ ସ୍ୱୟଂ ସହାୟକ ଗୋଷ୍ଠୀ ସମ୍ପାଦିକା ଚନ୍ଦ୍ରକାନ୍ତି ସାହୁ କହିଛନ୍ତି ଯେ, ରବିଧାନ ବିକ୍ରି ପାଇଁ ଜାରି ହୋଇଥିବା ଏ' ଏବଂ ବି' ଫର୍ମାଟରେ ଆମ ପକ୍ଷରୁ ତ୍ରୁଟି ହୋଇଛି । ଉକ୍ତ ତ୍ରୁଟିକୁ ନେଇ ଜିଲା ଯୋଗାଣ ବିଭାଗକୁ ଅବଗତ କରାଇଛୁ । ଜିଲା ଅତିରିକ୍ତ ଯୋଗାଣ ଅଧିକାରୀ ସୁବୋଧ ହୋତାଙ୍କୁ ଯୋଗାଯୋଗ କରିବାରୁ ମେଘଲା ଶିବାନୀ ମହିଳା ଏସ୍‌ଏଚଜି ପକ୍ଷରୁ ପଞ୍ଜୀକରଣରେ ତ୍ରୁଟି ହୋଇଛି । ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯାଉଛି । ୮୪ଜଣ ଭାଗଚାଷୀ ଅମଳ ଧାନ ଯେଭଳି ମଣ୍ଡିରେ ବିକ୍ରି କରିପାରିବେ ତାହାର ବ୍ୟବସ୍ଥା କରାଯାଉଥିବା ସେ କହିଛନ୍ତି ।


ମେଘଲା ଧାନ ବିକ୍ରୟ କେନ୍ଦ୍ର ସମ୍ମୁଖରେ ଧାନବସ୍ତା ପାଖରେ ଭାଗଚାଷୀମାନେ ।

## ସଂକ୍ଷେପରେ

### ଆମ୍ବ ଗଛରୁ ପଡ଼ି ଯୁବକଙ୍କ ମୃତ୍ୟୁ

**ବୌଦ୍ଧ,୨୩।୫(ସ୍ୱ.ପ୍ର.):** ଆମ୍ବ ଗଛରୁ ପଡିଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ରାଜୁ ବରଣ (୨୫) । ତାଙ୍କ ଘର ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ତିଲେଶ୍ୱର ପଞ୍ଚାୟତ ଅନ୍ତର୍ଗତ ବୁରୁବୁଡା ଗ୍ରାମରେ । ରାଜୁ ଆମ୍ବ ତୋଳିବାକୁ ଗ୍ରାମ ନିକଟସ୍ଥ ଏକ ଗଛରେ ଚଢ଼ିଥିଲେ। ଏହି ସମୟରେ ହଠାତ ଗୋଡ ଖସିଯିବାରୁ ସେ ତଳେ ପଡିଯାଇ ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ରବିବାର ସକାଳେ ତାଙ୍କର ମୃତ୍ୟୁ ଘଟିଛି। ତେବେ ବୌଦ୍ଧ ଚିକିତ୍ସାଳୟରେ ଚିକିତ୍ସାଧୀନ ସମୟରେ ଏକ ଇଞ୍ଜେକ୍ସନ ରାଜୁଙ୍କୁ ଦିଆଯାଇଥିଲା । ଏହାର କିଛି ସମୟ ପରେ ମୃତ୍ୟୁ ଘଟିଥିବାରୁ ଭୁଲ ଇଞ୍ଜେକ୍ସନ ଯୋଗୁ ଏପରି ଘଟିଥିବା ପରିବାର ଲୋକେ ଅଭିଯୋଗ କରି ପାଟିତୁଣ୍ଡ କରିଥଲେ। ବୁଝାଶୁଝା ପରେ ପରିବାର ଲୋକେ ମୃତଦେହ ନେଇ ଗ୍ରାମକୁ ଫେରିଥିବା ଜଣାଯାଇଛି।

### ଆକ୍ସନ ମୋଡ଼ରେ ବାଉଁଶୁଣୀ ପୋଲିସ

**ବାଉଁଶୁଣୀ,୨୩।୫(ଡି.ଏନ.ଏ.):** ଅମାନିଆଙ୍କୁ ସାବାଡ୍ କରିବା ପାଇଁ ବାଉଁଶୁଣୀ ପୋଲିସ ଆକ୍ସନ ମୋଡରେ ରହିଛି । ସପ୍ତାହାନ୍ତ ସତ୍ତ୍ୱେ ରବିବାର କିଛି ପରିବା ବେପାରି ଓ ଚାଷୀ ସ୍ଥାନୀୟ ବଜାରକୁ ଆସି ବେପାର କରିବା ସୂଚନା ପାଇ ପୋଲିସ ଚଢାଉ କରିଥିଲା । ବାଉଁଶୁଣୀ ଥାନା ସବ୍ ଇନ୍ସପେକ୍ଟର ଗଣନାଥ ଥେନାପତି ସଦଳବଳେ ପହଞ୍ଚି କ୍ରେତା ଓ ବିକ୍ରେତାମାନଙ୍କୁ ଚାଲିଯିବାକୁ କହିବା ସହ ବଜାର ବନ୍ଦ କରାଇଥିଲେ । କରୋନା ସମୟରେ ବଜାର ବସି ଗହଳି ହେଉଛି। ଏ ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଡେରିରେ ହେଲେ ମଧ୍ୟ ପୋଲିସ ଅମାନିଆଙ୍କୁ ସାବାଡ କରିବା ପାଇଁ ଆଗେଇ ଆସିଥିବାରୁ ସାଧାରଣରେ ଆଶ୍ୱସ୍ତି ପ୍ରକାଶ ପାଇଛି । ଏହାଛଡା ବିଭିନ୍ନ ଛକରେ ପୋଲିସ ଯାଞ୍ଚକୁ କଡାକଡି କରିଛି। ସୂଚନାଯୋଗ୍ୟ, କରୋନା ପଜିଟିଭ ସଂଖ୍ୟା ବଢ଼ି ଚାଲିଥିବାରୁ ବାଉଁଶୁଣୀ ଅଞ୍ଚଳର କେତେକ ଗ୍ରାମ କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା ହୋଇଛି ।

### ଖବରଦାତାଙ୍କୁ ଆକ୍ରମଣ, ଲୋଇସିଂହା ସାମ୍ବାଦିକ ସଂଘର ନିନ୍ଦା

**ଲୋଇସିଂହା, ୨୩।୫(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ସାମ୍ବାଦିକ ସଂଘର ଏକ ଜରୁରୀ ବୈଠକ ସରୋଜ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପୁରୀରେ କାର୍ଯ୍ୟରତ ଧରିତ୍ରୀ ଖବରଦାତାଙ୍କୁ ପୋଲିସ ଆକ୍ରମଣକୁ ସଂଘ ପକ୍ଷରୁ ନିନ୍ଦା କରାଯାଇଛି। ଗଣମାଧ୍ୟମର କଣ୍ଠରୋଧକୁ ବରଦାସ୍ତ କରାଯିବ ନାହିଁ ବୋଲି ମତପ୍ରକାଶ ପାଇଥିଲା। ବୈଠକରେ ବିମଳ ଚରଣ ହୋତା, ବିମଳେନ୍ଦୁ ସାହୁ, ପ୍ରକାଶ କୁମାର ସାହୁ, ଶ୍ୟାମସୁନ୍ଦର ମେହେର, ଅଭିଲାଷ ହୋତା, ସାରଙ୍ଗ ଭୋଇ, ସତ୍ୟଜ୍ୟୋତି ବାଗ, ମହେଶ କର ପ୍ରମୁଖ ଉପସ୍ଥିତ ଥିଲେ । ସୁଶାନ୍ତ ବାରିକ ସଭା ସଂଯୋଜନା କରିଥିଲେ ।

# କାର୍ଯ୍ୟାନୁଷ୍ଠାନକୁ ଆକ୍ରୋଶମୂଳକ କହିଲା ଭାଜପା

**ବଲାଙ୍ଗୀର ଅଫିସ, ୨୩।୫**

**ଏମ୍‌ପି ପ୍ରତିନିଧିଙ୍କ ନାଁରେ ଥାନାରେ ମାମଲା ଘଟଣା**

■ଆଇସିୟୁ ପ୍ରୋଟୋକଲ ଉଲ୍ଲଂଘନ ଯୋଗୁଁ ମାମଲା ହୋଇଛି: ଜିଲାପାଳ

ବଲାଙ୍ଗୀରର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ଆଇସିୟୁ ଭିତର ଭେଣ୍ଟିଲେଟର ଫଟୋ ଉଠାଇବା ଅଭିଯୋଗରେ ବଲାଙ୍ଗୀର ଏମ୍‌ପିଙ୍କ ସ୍ୱାସ୍ଥ୍ୟ ପ୍ରତିନିଧି ଦିନେଶ ଶର୍ମାଙ୍କ ନାଁରେ ଶନିବାର ଟାଉନ୍ ଥାନାରେ ଏକ ମାମଲା (ନଂ.୨୯୪/୨୧) ରୁଜୁ ହୋଇଥିଲା । ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ମହେନ୍ଦ୍ର କୁମାର ନାୟକ ଏନେଇ ଥାନାରେ ଅଭିଯୋଗ କରିଥିଲେ । ଶର୍ମାଙ୍କ ବିରୋଧରେ ଆଇପିସି ଧାରା ୪୪୮, ୫୪ ଡିଜାଷ୍ଟର ମ୍ୟାନେଜମେଣ୍ଟ ଆକ୍ଟ ଏବଂ ୩ ଆପିଡେମିକ୍ ଆକ୍ଟରେ ମାମଲା ରୁଜୁ ହୋଇଥିଲା । ଶର୍ମାଙ୍କ ବିରୋଧରେ ମାମଲା ରୁଜୁ ଘଟଣାକୁ ଜିଲା ଭାଜପା ପକ୍ଷରୁ ଆକ୍ରୋଶମୂଳକ ବୋଲି ଭର୍ଚୁଆଲ ଖବରଦାତା ସମ୍ମିଳନୀରେ କୁହାଯାଇଛି । ଜିଲା ଭାଜପା ସଭାପତି ଶିବାଜୀ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଖବରଦାତା ସମ୍ମିଳନୀରେ ଏମପି ସଙ୍ଗୀତା କୁମାରୀ ସିଂଦେଓ, ପୂର୍ବତନ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଲୋଇସିଂହା ବିଧାୟକ ଡ ମୁକେଶ ମହାଲିଙ୍ଗ, ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ମହାନନ୍ଦ ପ୍ରମୁଖ ଯୋଗଦେଇ ପ୍ରଶାସନର ଏଭଳି କାର୍ଯ୍ୟକୁ ସମାଲୋଚନା କରିଥିଲେ । ହସ୍ପିଟାଲର ସ୍ୱାସ୍ଥ୍ୟସେବା ସ୍ଥିତି ସମ୍ପର୍କରେ ଲୋକଙ୍କୁ ଅବଗତ କରିବାରେ କୌଣସି ଭୁଲ ନାହିଁ । ତାଙ୍କ ପ୍ରତିନିଧିଙ୍କ ବିରୋଧରେ ଯେଉଁସବୁ ଦଫା ଲଗାଯାଇଛି ସେଥିରୁ ପ୍ରଶାସନର ଆକ୍ରୋଶମୂଳକ ଛବି ଉଜାଗର ହୋଇଛି ବୋଲି ଏମ୍‌ପି ସିଂଦେଓ କହିଥିଲେ । ତୁରନ୍ତ ଏହି ମାମଲାକୁ ପ୍ରତ୍ୟାହାର କରାଯାଉ ବୋଲି ସେ ଦାବି କରିଛନ୍ତି । ବିଧାୟକ ଡ ମହାଲିଙ୍ଗ ପ୍ରଶାସନର ଏଭଳି ଆଭିମୁଖ୍ୟକୁ ସମାଲୋଚନା କରି ଭାଜପା ଦଳର ପ୍ରତିନିଧି, ଶର୍ମାଙ୍କ ପ୍ରତି ଏହା ଆକ୍ରୋଶମୂଳକ କାର୍ଯ୍ୟାନୁଷ୍ଠାନ ବୋଲି କହିଥିଲେ । ହସ୍ପିଟାଲରେ ଚାଲିଥିବା ଅବ୍ୟବସ୍ଥା ଲୁଚାଇବାକୁ ଏଭଳି ଉଦ୍ୟମ କରାଯାଉଛି ବୋଲି ଦଳ ପକ୍ଷରୁ ଅଭିଯୋଗ କରାଯାଇଥିଲା । ଘଟଣା ସମ୍ପର୍କରେ ଜିଲାପାଳ ଚଞ୍ଚଳ ରାଣାଙ୍କୁ ପଚରାଯିବାରୁ ହସ୍ପିଟାଲ ଭିତରେ ଆଇସିୟୁ ପ୍ରୋଟୋକଲ ଉଲଂଘନ କରିଥିବାରୁ ହସ୍ପିଟାଲ କର୍ତ୍ତୃପକ୍ଷ ଥାନାରେ ଅଭିଯୋଗ କରିଥିବା ସେ ସୂଚନା ଦେଇଥିଲେ ।

ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସପିଟାଲ ମେଡିକାଲ ୱାର୍ଡ ଜେନେରାଲ ଆଇସିୟୁରେ ଭେଣ୍ଟିଲେଟର ଚାଲୁନାହିଁ ବୋଲି ଶର୍ମା ଜଣାଇବା ସହ ଲୁଗା ଢ଼ଙ୍କା ଯାଇଥିବା ଭେଣ୍ଟିଲେଟର ଫଟୋ ଉଠାଇ ଗଣମାଧ୍ୟମକୁ ଦେଇଥିଲେ । ହସପିଟାଲର ସମୁଦାୟ ୨୦ଟି ଭେଣ୍ଟିଲେଟର ଚାଲୁନାହିଁ ଓ ରୋଗୀମାନେ ଏଥିଯୋଗୁଁ ବହୁ ହଇରାଣ ହେଉଥିବା ଅଭିଯୋଗ କରିଥିଲେ । ବିଭିନ୍ନ ଗଣମାଧ୍ୟମରେ ଏନେଇ ଖବର ପରିବେଷଣ ହୋଇଥିଲା । ଏହାପରେ ସ୍ୱାସ୍ଥ୍ୟ ବିଭାଗ ଓ ଜିଲା ପ୍ରଶାସନ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇ ୬ଟି ଭେଣ୍ଟିଲେଟର ବୈଷୟିକ ତ୍ରୁଟି ଯୋଗୁଁ ଅଚଳ ଥିବା ଏବଂ ୫ଟି ଭେଣ୍ଟିଲେଟରକୁ ବ୍ୟାକଅପ୍ ପାଇଁ ରଖାଯାଇଥିବା ଦର୍ଶାଇ ବାକି ସବୁତକ ଭେଣ୍ଟିଲେଟର ଚାଲୁଥିବା ସୂଚନା ଦିଆଯାଇଥିଲା ।

# ଟୋକନ ଗାଏବ, ମଣ୍ଡିରେ ତାଲା

**ବରଗଡ଼ ଅଫିସ୍,୨୩।୫**

ଧାନବିକ୍ରିରେ ଟୋକନ କଟକଣା ଚାଷୀଙ୍କ ପାଇଁ ସମସ୍ୟା ପାଲଟିଛି । ଏହି କଟକଣା ଯୋଗୁ ଚାଷୀମାନେ ଧାନ ବିକ୍ରିରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଟୋକନ କଟକଣାକୁ ବାଧ୍ୟତାମୂଳକ କରାଯାଇଥିଲେ ସୁଦ୍ଧା ଏହା ବିଭିନ୍ନ ସମୟରେ ଅବ୍ୟବସ୍ଥିତ ହୋଇପଡୁଛି ଏବଂ ଏଥିପାଇଁ ଚାଷୀଙ୍କୁ କ୍ଷତି ସହିବାକୁ ପଡୁଛି । ରବିବାର ଟୋକନ କଟକଣାରେ ଏଭଳି ଅବ୍ୟବସ୍ଥା ଯୋଗୁ ଅନେକ ଚାଷୀଙ୍କୁ ହଟହଟା ହେବାକୁ ପଡ଼ିଥିଲା । କାଳବୈଶାଖୀ ଯୋଗୁ ପ୍ରଥମ ପର୍ଯ୍ୟାୟରେ ଇସ୍ୟୁ ହୋଇଥିବା ଟୋକନ ଅବଧିକୁ ୨୪ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ରହିଥିଲା । ମାତ୍ର ତଦନୁଯାୟୀ ଟୋକନ ଅବଧି ଜେନେରେଟ୍ କରାଯାଇ ନ ଥିଲା । ଅନ୍ୟପଟେ ସେହି ପର୍ଯ୍ୟାୟର ଟୋକନ ଗାଏବ ହୋଇ ଯାଇଥିଲା । ବରଗଡ଼ ନିୟନ୍ତ୍ରିତ ବଜାର କମିଟି ଅଧୀନ କଳାପାଣି ମଣ୍ଡି ଉପରେ ନିର୍ଭରଶୀଳ ୨୨ଜଣ ଚାଷୀଙ୍କ କ୍ଷେତ୍ରରେ ଏଭଳି ସମସ୍ୟା ଉପୁଜିଥିଲା । ଏହାର ପ୍ରତିବାଦରେ ଚାଷୀମାନେ ସକାଳୁ ମଣ୍ଡିରେ ତାଲା ପକାଇ ପ୍ରତିବାଦ କରିଥିଲେ । ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ଦୀର୍ଘ ସମୟ ଧରି କିଛି ସୁଫଳ ମିଳି ନ ଥିଲା । ଅପରାହ୍ନ ପ୍ରାୟ ୧ଟାରେ ସମ୍ପୃକ୍ତ ଚାଷୀଙ୍କ ଟୋକନ ରି–ଜେନେରେଟ୍ ହୋଇଥିଲା ଏବଂ ଏହାପରେ ଚାଷୀମାନେ ମଣ୍ଡିରୁ ତାଲା ଖୋଲିଥିଲେ ।

# ଆହାର ଦେଉଛନ୍ତି ସ୍ୱେଚ୍ଛାସେବୀ


ସୁବର୍ଣ୍ଣପୁର ସହରରେ ଭୋକିଲାଙ୍କୁ ଆହାର ଦିଆଯାଉଛି ।

**ସୋନପୁର,୨୩।୫(ନି.ପ୍ର.)**

କରୋନା ମହାମାରୀର ଦ୍ୱିତୀୟ ଲହର ସାରା ଦେଶକୁ କବଳିତ କରିଛି । ଭୂତାଣୁ ସଂକ୍ରମଣ ରୋକିବାକୁ କେନ୍ଦ୍ର ଓ ରାଜ୍ୟ ସରକାର ସପ୍ତାହାନ୍ତ ଶଟ୍‌ଡାଉନ, ଲକ୍‌ଡାଉନ ଭଳି କଟକଣା ଜାରି କରିଛନ୍ତି । ଏଭଳି ସ୍ଥିତିରେ କାମ ନ ପାଇ ଗରିବ ଓ ଦୀନ ମଜୁରିଆ ଶ୍ରେଣୀର ଲୋକ ହନ୍ତସନ୍ତ ହେଉଛନ୍ତି । ବୁଲା ବିକାଳି ଓ ଭିକାରିମାନେ ଭୋକରେ ରହୁଛନ୍ତି । ଏହାକୁ ଦୃଷ୍ଟିରେ ରଖି ସୁବର୍ଣ୍ଣପୁର ସହରରେ ବୁଢାରାଜା ଯୁବ ସମାଜସେବୀ ସଂଗଠନ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, କେଶରିଆ ହିନ୍ଦୁବାହିନୀର କର୍ମକର୍ତ୍ତା ଭୋକିଲା ପେଟକୁ ଦୁଇଓଳି ଆହାର ଯୋଗାଇ ଦେଉଛନ୍ତି । ଭୋକ ଉପାସରେ ରହୁଥିବା ନିରାଶ୍ରୟ ଓ ମାନସିକ ବିକାରଗ୍ରସ୍ତ ବ୍ୟକ୍ତିଙ୍କୁ ଜଳଖିଆ ଓ ରନ୍ଧାଖାଦ୍ୟ ଯୋଗାଇ ଦେଉଛନ୍ତି । ଚିକିତ୍ସାଳୟକୁ ଆସୁଥିବା ରୋଗୀଙ୍କ ପରିଜନଙ୍କୁ ରନ୍ଧାଖାଦ୍ୟ ଦିଆଯାଉଛି । ସପ୍ତାହାନ୍ତ ଶଟ୍‌ଡାଉନ ଶନିବାର ଓ ରବିବାର ସାମାଜିକ କର୍ମୀମାନେ ବୃଦ୍ଧାବୃଦ୍ଧ ଓ ଅସହାୟଙ୍କୁ ଚିହ୍ନଟ କରି ରନ୍ଧାଖାଦ୍ୟ ବଣ୍ଟନ କରୁଛନ୍ତି । କେଶରିଆ ହିନ୍ଦୁ ବାହିନୀ ରାଜ୍ୟ ସଭାପତି ସନ୍ତୋଷ ଭୋଳ, ବରିଷ୍ଠ ଭାଜପା ନେତା ବଳଦେବ ପ୍ରସାଦ ବେଦ୍‌ବାକ ଓ ବ୍ୟାସଦେବ ମିଶ୍ର ଏବଂ ବୁଢାରାଜା ଯୁବ ସଂଗଠନର ଶିବଶଙ୍କର ନାଏକ, ଅରବିନ୍ଦ ଝା, ଯଦୁବଂଶୀ ଚିତ୍ତରଞ୍ଜନ ଭୋଇ, ଅରୁଣ କୁମାର ମେହେର, ସ୍ୱରୂପ ପାତ୍ର, ସୂର୍ଯ୍ୟ ନାୟକ ଓ ସଂଗଠନର ସଦସ୍ୟବୃନ୍ଦ ଏହି କାର୍ଯ୍ୟରେ ନିୟୋଜିତ ଅଛନ୍ତି । ସେହିପରି ବୀରମହାରାଜପୁର ବ୍ଲକ ସୁବଳୟାରେ ପ୍ରଭଞ୍ଜନ ପୂଝାରୀଙ୍କ ନେତୃତ୍ୱରେ କେତେକ ଯୁବକ ଗତ ୧୨ ଦିନ ଧରି ଅସହାୟଙ୍କୁ ରନ୍ଧା ଖାଦ୍ୟ ପ୍ରଦାନ କରୁଛନ୍ତି । ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷ ସନ୍ତୋଷ କୁମାର ଭୋଇ ନିଜସ୍ୱ ଉଦ୍ୟମରେ ବ୍ଲକର ଗରିବ, ଅସହାୟ ଲୋକଙ୍କ ଘରେ ଆଳୁ, ପିଆଜ, ଖାଇବା ତେଲ, ଲୁଣ, ହଳଦୀ, ସାବୁନ, ମାସ୍କ ଆଦି ପହଞ୍ଚାଇଛନ୍ତି ।

# ଜିଲାପାଳଙ୍କ କୋଭିଡ୍ ସମୀକ୍ଷା

**ବରଗଡ଼ ଅଫିସ୍,୨୩।୫**

ବରଗଡ଼ ଜିଲାର ଗ୍ରାମାଞ୍ଚଳରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଛି । ଏହାକୁ ପ୍ରତିହତ କରିବା ପ୍ରଶାସନ ପାଇଁ ଚ୍ୟାଲେଞ୍ଜ ହୋଇ ପଡ଼ିଛି । ଏହି କ୍ରମରେ ରବିବାର ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ଅମ୍ବାଭୋନା ବ୍ଲକ ଗସ୍ତ କରିଥିଲେ । ସେଠାରେ ବିଭାଗୀୟ ଅଧିକାରୀଙ୍କୁ ନେଇ ସେ କୋଭିଡ୍ ସ୍ଥିତିର ସମୀକ୍ଷା କରିଥିଲେ । ଲୋକଙ୍କୁ କୋଭିଡ୍ ନେଇ ସଚେତନ କରିବା ସହିତ ଠିକ ଭାବେ ସେବା ଯୋଗାଇ ଦେବା ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ ।


ବରଗଡ଼ ଜିଲାପାଳ ଅମ୍ବାଭୋନାରେ କୋଭିଡ୍ ସ୍ଥିତି ସମୀକ୍ଷା କରୁଛନ୍ତି ।

# ଜବରଦଖଲ ଉଚ୍ଛେଦ ପାଇଁ ଦାବିପତ୍ର

**ନୂଆପଡ଼ା ଅଫିସ,୨୩।୫**

ନୂଆପଡା ସଦର ବ୍ଲକ ଜୋଙ୍କ ଥାନା ଅଧୀନ ଆମସେନା ପଞ୍ଚାୟତ ଠେଲକୋବେଡା ଗାଁରେ ସରକାରୀ ଗୋଚର ଜମିକୁ ଜବରଦଖଲ କରାଯାଇଛି । ଜବରଦଖଲକାରୀଙ୍କଠାରୁ ଗୋଚର ଜମି ଉଚ୍ଛେଦ ପାଇଁ ଶନିବାର ନୂଆପଡା ଜିଲାପାଳଙ୍କୁ ଗ୍ରାମବାସୀ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଗାଁରେ ଗାଈ, ବଳଦ, ଛେଳି, ମେଣ୍ଢା, ମଇଁଷି ଚରାଇବା ପାଇଁ କିଛି ଗୋଚର ଓ ଗ୍ରାମ୍ୟ ଜଙ୍ଗଲ ଜମି ରହିଛି । ସେହି ଜମି ଉପରେ ଗାଁର କେତେକ ଲୋକ ବେଆଇନ ଭାବରେ ଦଖଲ କରି ଘର କରିଛନ୍ତି । ସେହିପରି ଲାଲ ପାହାଡ ଉପରେ ଦୁର୍ଗା ଦେବୀ ମନ୍ଦିର ରହିଛି । ସେହିଠାରେ ଜନସାଧାରଣ ଉଠାବସା କରିବା ପାଇଁ କିଛି ଜମି ରହିଥିଲା । ସେହି ଜମି ଉପରେ ମଧ୍ୟ ଜୋରଜବରଦସ୍ତ ଘର ତିଆରି କରି ଦେଇଥିବାରୁ ଗ୍ରାମବାସୀ ସ୍ଥାନୀୟ ଆରଆଇ, ନୂଆପଡା ତହସିଲଦାର ପାଖକୁ ଅନେକ ଥର ଆସି ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ଗୋଚର ଜମିକୁ ଦଖଲକାରୀଙ୍କଠାରୁ ମୁକ୍ତ କରିବାକୁ ଜିଲାପାଳ ସ୍ୱାଧାଦେବ ସିଂଙ୍କଠାରେ ଜମ ପାଣ୍ଡେ, ଚଇଧ ରାମ, ମିନାଲାଲ ପାଣ୍ଡେ, ପ୍ରମୋଦ ପାଣ୍ଡେ, ଭିମ ସତନାମି ପ୍ରମୁଖ ଦାବି କରିଛନ୍ତି ।

# ଖଡ଼ିଆଳ ସବ୍‌ଜେଲ: ୨୫ ଏକଦୀଙ୍କ ରିପୋର୍ଟ ନେଗେଟିଭ

**ଖଡ଼ିଆଳ, ୨୩।୫ (ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ଉପକାରଗାରଠାରେ ବିଚାରାଧୀନ କଏଦୀଙ୍କ କୋଭିଡ୍ ଆଣ୍ଟିଜେନ ପରୀକ୍ଷା କରାଯାଇଥିଲା । ୨୫ଜଣ କଏଦୀ ଏବଂ କର୍ମଚାରୀଙ୍କ ପରୀକ୍ଷା କରାଯାଇଥିବା ବେଳେ ସମସ୍ତଙ୍କ ରିପୋର୍ଟ ନେଗେଟିଭ ବାହାରି ଥିବା ସୂଚନା ମିଳିଛି । ଏ ନେଇ ଜିଲାପାଳ ସ୍ୱାଧା ଦେବ ସିଂ ଟ୍ୱିଟ୍ ଯୋଗେ ସୂଚନା ଦେଇଛନ୍ତି । ଖଡ଼ିଆଳ ଆୟୁଷ ଡାକ୍ତର ଅର୍ଣ୍ଣବା ଶଙ୍କର ଦାଶ ଏବଂ ଜେଲ କର୍ମଚାରୀ ସହ ସ୍ୱାସ୍ଥ୍ୟ କର୍ମୀମାନେ ଉପସ୍ଥିତ ଥିଲେ ।

# କରୋନା ସମୟରେ ରୋଜଗାରର ନୂଆ ବାଟ

**ବୌଦ୍ଧ,୨୩।୫(ସ୍ୱ.ପ୍ର.)**

କରୋନା ସଂକ୍ରମଣ ଲୋକଙ୍କ ଜୀବନ ଜୀବିକା ଉପରେ ପ୍ରଭାବ ପକାଇଛି । ବୌଦ୍ଧ ଜିଲାର ବହୁ ଶ୍ରମଜୀବୀ ପରିବାର କାମ ଧନ୍ଦା ନ ପାଇ ଦୁଃଖ କଷ୍ଟରେ ପରିବାର ଚଳାଉଛନ୍ତି । ଏଭଳି ସଙ୍କଟ ସମୟରେ ବୌଦ୍ଧ ଜିଲା ହରଭଙ୍ଗା ବ୍ଲକରେ ଥିବା ଏମଜିଏମ ଆଗ୍ରୋଟେକ ଗ୍ରାମାଞ୍ଚଳର ମହିଳାଙ୍କୁ ସ୍ୱାବଲମ୍ବୀ କରାଇବା ଦିଗରେ ବଡ ପଦକ୍ଷେପ ନେଇଛି । ଉକ୍ତ ସଂସ୍ଥା ହରଭଙ୍ଗା ବ୍ଲକ କରଞ୍ଜକଟା ପଞ୍ଚାୟତର ଲୋକାପଡା ଓ ତିଲେଶ୍ୱର ପଞ୍ଚାୟତର କୃଷ୍ଣପାଲି ଠାରେ ବିଭିନ୍ନ ପ୍ରକାର କୃଷି ସାମଗ୍ରୀ ଉତ୍ପାଦନ କରିଆସୁଛି । ସଂସ୍ଥା ପକ୍ଷରୁ ପିଆଜ, ଲଙ୍କା, ଗାଜର, ବିନିସ, କଖାରୁ, ତରଭୁଜ, ବାଇଗଣ, ମଟର ଚାଷ ହେଉଛି । ସେହିପରି ଆମ୍ବ, ପିଜୁଳି, ଅଁଳା ଓ ବିଭନ୍ନ ଫଳ ଆଦି ଚାଷ ହୋଇ ଆସୁଛି । ବର୍ତ୍ତମାନ କରେନା ସମୟରେ ଗ୍ରାମାଞ୍ଚଳର ବହୁ ଶ୍ରମଜୀବୀ ମହିଳା ଘରେ ବସି ରହିଛନ୍ତି । ଏହାକୁ ଦୃଷ୍ଟିରେ ରଖି ଉକ୍ତ ସଂସ୍ଥା ଆଉ ଟିକେ ପାଦ ଆଗକୁ ଯାଇ ଜିଲା ମିଶନ ଶକ୍ତି ସହାୟତାରେ ସ୍ୱଂୟ ସହାୟକ ଗୋଷ୍ଠୀର ମହିଳାଙ୍କୁ ସ୍ୱାବଲମ୍ବୀ କରାଇବା ସହ କାମ ଯୋଗାଇ ଦେଇଛି । ସଂସ୍ଥା ପକ୍ଷରୁ ଲୋକାପଡାଠାରେ ମିଶନ ଶକ୍ତି ଜରିଆରେ ଆଚାର , ପାମ୍ପଡ, ବଡି ଆଦି ତିଆରି ହେଉଛି । ମହିଳାମାନେ ୧୦ରୁ ୧୨ ପ୍ରକାର ଆଚାର, ବିଭିନ୍ନ ପ୍ରକାର ସରା, ଚମ୍ପାୟତ ଆଦି ପ୍ରସ୍ତୁତ କରିବା ସହ ବଡ଼ି, ପାମ୍ପଡ, ତିଆରି କରୁଛନ୍ତି । ପ୍ରତ୍ୟହ ୭୦ରୁ ଉର୍ଦ୍ଧ୍ୱ ମହିଳା କାମ ପାଇ ପାରୁଛନ୍ତି । ଏଥିପାଇଁ ସଂସ୍ଥା ପକ୍ଷରୁ କଞ୍ଚା ଓ ପାଚିଲା ଆମ୍ବ, ବଡ଼ି, ପାମ୍ପଡ ପାଇଁ ଆବଶ୍ୟକ ସାମଗ୍ରୀ ଯୋଗାଇ ଦିଆଯାଉଛି । ଏସବୁ ପ୍ରସ୍ତୁତ ପରେ ଉକ୍ତ ସଂସ୍ଥା ତାହାକୁ ରାଜ୍ୟର ବିଭିନ୍ନ ସ୍ଥାନ ତଥା ରାଜ୍ୟ ବାହାରକୁ ପଠାଇଥାଏ । ମାର୍କେଟିଂ ସଂସ୍ଥାର ନିର୍ଦ୍ଦେଶକ ପୁନମ ମହାପାତ୍ର ତଥା ଆଗ୍ରୋଟେକ୍‌ର କର୍ମଚାରୀ ଉତ୍ପଳ ମହାପାତ୍ର ଓ ଆଦର୍ଶ ମହାପାତ୍ରଙ୍କ ସହଯୋଗରେ ଏସବୁ କାର୍ଯ୍ୟ ହୋଇଥାଏ । ବୌଦ୍ଧ ମିଶନ ଶକ୍ତିର ଅଧିକାରୀମାନେ କିପରି ମହିଳାମାନେ ଆଗକୁ ଆହୁରି କାମ ପାଇ ଆର୍ଥିକ ଭାବେ ସ୍ୱଚ୍ଛଳ ହୋଇପାରିବେ ସେ ନେଇ ପଦକ୍ଷେପ ଗ୍ରହଣ କରୁଥିବା ଜଣାପଡିଛି । ଆଗାମୀ ଦିନରେ ବାଉଁଶରେ ବିଭିନ୍ନ ସାମଗ୍ରୀ ନିର୍ମାଣ ପାଇଁ ମହିଳାମାନଙ୍କୁ ଶିକ୍ଷା ଦିଆଯାଇ ସ୍ୱାବଲମ୍ବୀ କରାଯିବ ବୋଲି ମିଶନ ଶକ୍ତି ଅଧିକାରୀ ସୂଚନା ଦେଇଛନ୍ତି ।


ଲୋକାପଡାଠାରେ ମହିଳାମାନେ ଆଚାର ପ୍ରସ୍ତୁତ କରୁଛନ୍ତି ।

■ଆଚାର , ପାମ୍ପଡ, ବଡି ତିଆରି ମହିଳାଙ୍କୁ କରିଛି ସ୍ୱାବଲମ୍ବୀ
■କରୋନା ସମୟରେ ମିଶନ ଶକ୍ତିର ସହଯୋଗ